ଭାରତୀୟ ଜନତା ଯୁବ ମୋର୍ଚ୍ଚା, ଓଡିଶା
BHARATIYA JANATA YUVA MORCHA, ODISHA
Qr. No.4R-3/2, Unit-3, Janpath, Bhubaneswar-1, E-mail-bjymodisha@gmail.com, Ph.(0674) 2390876/866 Fax-2393955

# 'ଆଇ ସପୋର୍ଟ ମୋଦି' କ୍ୟାମ୍ପେନର ରାଜ୍ୟ ସଂଯୋଜିକା ହେଲେ ଉପାସନା ମହାପାତ୍ର

- ବିଜେପି ଯୁବ ମୋର୍ଚ୍ଚା ରାଜ୍ୟ ସଭାପତି ଟଙ୍କଧର ତ୍ରିପାଠୀ କଲେ ଘୋଷଣା
- ୨୦୧୯ ମସିହାରେ ପ୍ରଥମ ଥର ଭୋଟଦାନ କରିବାକୁ ଥିବା ଶତାବ୍ଦୀର ନୂତନ ମତଦାତାଙ୍କୁ ଏକାଠି କରିବାକୁ ପ୍ରୟାସ - ଆଇ ସପୋର୍ଟ ମୋଦି

**ଭୁବନେଶ୍ୱର,ତା ୦୬/୮:** ବିଜେପି ଯୁବ ମୋର୍ଚ୍ଚା ତରଫରୁ ରାଜ୍ୟବ୍ୟାପୀ **'ଆଇ ସପୋର୍ଟ ମୋଦି'** କ୍ୟାମ୍ପେନର ରାଜ୍ୟ ସଂଯୋଜିକା ଭାବେ ଉପାସନା ମହାପାତ୍ରଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି ।

ରାଜ୍ୟ ସଭାପତି ଶ୍ରୀ ବସନ୍ତ ପଣ୍ଡାଙ୍କ ଅନୁମୋଦନ କ୍ରମେ ଏବଂ ଯୁବ ମୋର୍ଚ୍ଚା ପ୍ରଭାରୀ ଶ୍ରୀ କାଳନ୍ଦୀ ସାମଲଙ୍କ ଉପସ୍ଥିତିରେ ରାଜ୍ୟ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଯୁବ ମୋର୍ଚ୍ଚା ସଭାପତି ଶ୍ରୀ ଟଙ୍କଧର ତ୍ରିପାଠୀ ଏହି ଘୋଷଣା କରିଛନ୍ତି ।

ଶ୍ରୀ ତ୍ରିପାଠୀ କହିଛନ୍ତି ଯେ ରାଜ୍ୟରେ ୧୯ ବର୍ଷର ସ୍ଥାଣୁତା ଓ ଅପାରଗତା କାରଣରୁ ଅପାର ସମ୍ଭାବନା ସତ୍ତ୍ୱେ ରାଜ୍ୟ ପ୍ରଗତିର ଶୀର୍ଷକୁ ଯିବା ବଦଳରେ ଦିନକୁ ଦିନ ଲୋକ ମାନେ ଦୁର୍ଗତିର ସାମନା କରୁଛନ୍ତି ।

୨୦୧୯ ମସିହାରେ ପ୍ରଥମ ଥର ଭୋଟଦାନ କରିବାକୁ ଥିବା ୧୮ ବର୍ଷରୁ ୨୨ ବର୍ଷୀୟ ଯୁବ ପିଢୀଙ୍କୁ **' ଆଇ ସପୋର୍ଟ ମୋଦି '** ଯୋଜନା ମାଧ୍ୟମରେ ରାଜ୍ୟରେ ଯୋଡା ଯିବ ।

ନୂଆ ଭାରତର ନିର୍ମାଣ ନୂଆ ଓଡିଶାର ନିର୍ମାଣ ବିନା ସମ୍ଭବ ନୁହେଁ । ଏଥି ପାଇଁ ମୋଦିଙ୍କ ସଙ୍କଳ୍ପିତ ନୂଆ ଭାରତକୁ ସଫଳ କରିବାକୁ ହେଲେ ନୂଆ ଓଡିଶା ନିର୍ମାଣ ଅପରିହାର୍ଯ୍ୟ । ୨୦୧୯ ମସିହାରେ ପ୍ରଥମ ଥର ମତ ଦାନ କରିବାକୁ ଥିବା ଯୁବ ପୀଢୀଙ୍କୁ ନୂଆ ଓଡିଶା ନିର୍ମାଣରେ ନେତୃତ୍ୱ ଦେବା ପାଇଁ **'ଆଇ ସପୋର୍ଟ ମୋଦି'** କାର୍ଯ୍ୟକ୍ରମ ରାଜ୍ୟର ଯୁବ ପୀଢୀ ମଧ୍ୟରେ ସଘନ ଭାବରେ ଚାଲିବ ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି ।

୨୦୦୦ ମସିହାରେ ପ୍ରଥମ ମତ ଦେଇଥିବା ଯୁବକଙ୍କୁ ଆଜି ୩୮ ବର୍ଷ ଟପିଲାଣି । ୨୦୦୪ରେ ପ୍ରଥମ ମତ ଦେଇଥିବା ଯୁବକ ବୟସ ୩୨ । ଏହି ବୟସର ଯୁବ ପୀଢୀଙ୍କୁ ପ୍ରତିଶ୍ରୁତି ଦେଇ ରାଜ୍ୟ ସରକାର ପ୍ରତାରିତ କରିଛନ୍ତି । ୨୦୧୯ ମସିହାରେ ପ୍ରଥମ ମତଦାନ କରୁଥିବା ଯୁବକ ଆଉ କାହା ଦ୍ୱାରା ଠକାମୀର ଶୀକାର ହେବାକୁ ପ୍ରସ୍ତୁତ ନୁହେଁ । ୧୮ରୁ ୩୮ ବର୍ଷର ଯୁବ ପୀଢୀ ଏକାଠି ହୋଇ **'ଆଇ ସପୋର୍ଟ ମୋଦି'** ଯୋଜନାରେ ସାମିଲ ହେଲେ ମୋଦିଙ୍କ ନେତୃତ୍ୱରେ ଓଡିଶା ଆଗେଇବ ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି ।

ଶ୍ରୀ ତ୍ରିପାଠୀ ଆଶା ବ୍ୟକ୍ତ କରିଛନ୍ତି ଯେ ଉପାସନା ମହାପାତ୍ର ନୂଆ ପିଢୀର ଯୁବ ସମାଜକୁ ମୋଦିଙ୍କ ସହ ଯୋଡି ଓଡିଶାର ପ୍ରଗତି ପାଇଁ ନୂଆ ରାସ୍ତା ଖୋଲିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବେ ।

ଏହି ସାମ୍ବାଦିକ ସମ୍ମିଳନୀରେ ଯୁବ ମୋର୍ଚ୍ଚା ରାଜ୍ୟ ସାଧାରଣ ସଂପାଦକ ଶ୍ରୀ ବିଶ୍ୱ ରଂଜନ ବଡଜେନା, ରାଜ୍ୟ ସଂପାଦକ ଶ୍ରୀ ଦୀପକ କୁମାର ଗୋଛାୟତ ପ୍ରମୁଖ ଉପସ୍ଥିତ ଥିଲେ ।

**(ବିଜେପି ମିଡିଆ ସେଲ୍)**

Qr. No. 4R-3/2, Unit-3, Janpath, Bhubaneswar-751001, Ph.: (0674) 2390876 / 866, Fax - (0674) 2393955
E-mail : odishabjp@gmail.com, Website : www.bjpodisha.in